# Akashvani, Sambalpur

## SAMBALPURI NEWS BULLETIN

### 22 September 2025 – 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ- ଜିଏସ୍‌ଟି          ଏନ୍‌ଏସ୍‌ଡି

ଦେଶେ ଆଏଜ୍ ଠାନୁ 'ଆଏବା ପିଢୀ ଜିଏସ୍‌ଟି ସଂସ୍କାର' - ନୂଆ ଜିଏସ୍‌ଟି ସ୍ଲାବ୍ ଲାଗୁ ହେଇଛେ । ଦେଶର ଗରିବ, ମଧ୍ୟବିତ୍, ନୂଆ ମଧ୍ୟବିତ୍, ଯୁଆନ୍ ପିଢୀ, ଚାଷୀ, ମହିଳା, ବ୍ୟବସାୟୀ, ଉଦ୍ୟମୀ ବର୍ଗର ସାଙ୍ଗେ ସବୁ ବର୍ଗର ଲୁକ୍‌ମାନ୍‌କୁ ଇ ଜିଏସ୍‌ଟି ସଂସ୍କାରଥି ଲାଭ୍ ମିଲ୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଜିଏସ୍‌ଟି ସଂସ୍କାର୍ ଦେଶର୍ ଶହେ ୪୦ କୋଟି ନାଗରିକଙ୍କୁ ବଡ୍ ଆଶ୍ୱସ୍ତି ଆନିଦେଇଛେ । ଇ ଐତିହାସିକ ପଦକ୍ଷେପ୍ ଜରିଏ ଫି' ଦିନିଆ ବେଭାର୍ ହେଉଥିବା ୯୯ ପ୍ରତିଶତ୍ ଦରବ୍ ଉପ୍‌ରୁ ଦାମ୍ କମ୍ କରାଯାଇଛେ ବଲି କେନ୍ଦ୍ର ସୂଚ୍‌ନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ ।

(ଭଏସ୍ ଓଭର-ଅଶ୍ୱିନୀ ବୈଷ୍ଣବ୍)

ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ଜିଏସ୍‌ଟିଥି ୪ଟା ସ୍ଲାବ୍ ଥିବାର୍ ବେଲେ ଏଛେନ୍ ଇଟାକେ ୨ ଟା ସ୍ଲାବ୍ ୫ ଓ ୧୮ ପ୍ରତିଶତ ରଖାଯାଇଛି । ଇଥି ୯୯ ପ୍ରତିଶତ ସାମଗ୍ରୀ ୫ ପ୍ରତିଶତ ଟିକସ ପରିସର ଭିତ୍‌ରେ ରହିଛେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ଚାଲିଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସେବା ପର୍ବ ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ଗଲା ୧୧ ବଛର୍ ଭିତ୍‌ରେ ପ୍ରଧାନ୍‌ମନ୍ତ୍ରୀ  ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ ସାରା ଦେଶ୍‌ର ରୂପାନ୍ତରଣ୍ ଅଭିଯାନ୍ ମୁଲ୍ କରିଛନ୍ ।  ଲୁକ୍‌କୁ ସୁବିଧାଥି ଘର୍‌ଟେ ଯୁଗେଇ ଦେବାର୍ ଲାଗି କେନ୍ଦ୍ର ସର୍‌କାର୍ ୨ ଟା ବଡ଼ ଅଭିଯାନ୍ ପ୍ରଧାନ୍‌ମନ୍ତ୍ରୀ ଆବାସ ଗ୍ରାମୀଣ ଆଉ ସହରୀ ଯୋଜ୍‌ନା ଆନିଛନ୍ । ଇତାର୍ ଜରିଏ ଦେଢ଼୍ ଲାଖ୍ କୋଟି ଟଙ୍କା ଖର୍ଚ୍ଚା କରାଯାଇକରି ୭ ହଜାର୍ ୫ ଶହ ନୁ ଅଏତ୍‌କା ପ୍ରକଳ୍ପ ପୁରା କରାଯାଇଛେ ।

ଫଟ୍‌କା ଗୁଦାମ୍ ବିସ୍ଫୋରଣ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ଥାନା ଜିଆକଟା ଠାନେ ଫଟ୍କା ଗୁଦାମ୍ ନ ବିସ୍ଫୋରଣ୍ ଘଟ୍ନାଥି ଜୀବନ୍ ଯାଇଥିବା ଲକ୍ଷ୍ମୀଧର୍ ବେହେରାଙ୍କର୍ ପରିବାର୍ ଲୁକ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମବେଦନା ଜନାବାର୍ ସହେତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ୪ ଲାଖ୍ ଟଙ୍କାର୍ ଅନୁକମ୍ପା ସାହାଜ୍ ଯୁଗେଇ ଦେବାର୍କେ ଘୋଷ୍ନା କରିଛନ୍ । ସୂଚ୍ନା ଅନ୍ସାରେ ଗଲାକାଏଲ୍ ଫଟ୍କା ଗୁଦାମ୍ ଦୁର୍ଘଟଣାଥି ଝନ୍କର୍ ଜୀବନ୍ ଯାଇଥିଲା ବେଲେ ୧୦ ଝନ୍ ଖଁଡ଼ିଆଖାବ୍ରା ହେଇଛନ୍ । ଖଁଡ଼ିଆଖାବ୍ରା ଲୁକ୍କୁ ପୁରୁଣାକଟକ୍, ବୌଦ୍ଧ ମୁଖ୍ୟ ଡାକ୍ତର୍ଖାନା ଆଉ ଫୁଲ୍ବାଣୀ ଡାକ୍ତର୍ଖାନା ନ ଭର୍ତି କରାଯାଇଛେ ।

ସୁସ୍ଥ ନାରୀ ସଶକ୍ତ ପରିବାର୍ ଅଭିଯାନ   ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଆଗଲ୍ପୁର୍ ବ୍ଲକ୍ ଡୁଡୁକା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ସେବାପକ୍ଷ ପାଲନ୍ ଅବ୍ସରେ ସୁସ୍ଥ ନାରୀ ସଶକ୍ତ ପରିବାର୍ ଅଭିଯାନ୍ କାର୍ଯ୍ୟକ୍ରମ୍ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ନାରୀ ସୁସ୍ଥ ଆଉ ସଶକ୍ତ ହେଲେ ନିଜର୍ ପରିବାର୍ ସହେତେ ସମାଜ୍ ଆଉ ଦେଶ୍ ଆଗ୍କେ ବଢ଼ିପାର୍ବା ବଲି କହିଛନ୍ । ସାରାରାଏଜେ ୨୯ ହଜାର୍ ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ଜରିଏ ସ୍ୱାସ୍ଥ୍ୟ ପରୀକ୍ଷା ସହେତେ ୩ ହଜାର୍ ସ୍ୱାସ୍ଥ୍ୟ ଶିବିର୍ ଇ ପକ୍ଷ ଭିତ୍ରେ କରାଯିବା ବଲି ମନ୍ତ୍ରୀ ଡକ୍ଟର୍

ମହାଲିଙ୍ଗ୍ ସୂଚ୍ନା ଦେଇଛନ୍ । ଇ ଅବ୍ସରେ ମନ୍ତ୍ରୀ ଗୁଟେ ସ୍ୱାସ୍ଥ୍ୟ ଶିବିର୍‌କେ ଭିଲ୍ ଉଦ୍‌ଘାଟନ୍ କରିଛନ୍ ।

ବାର୍ଷିକ କ୍ରୀଡ଼ା ସମାବେଶ୍ - ଉତ୍ସାହ      ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ଶିଶୁ ଗୃହ ପିଲାମାନ୍‌କର୍ ବାର୍ଷିକ କ୍ରୀଡ଼ା ସମାବେଶ୍ - ଉତ୍ସାହ ପାଲିତ୍ ହେଇଯାଇଛେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଛୁଆମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା ।

ଜିଏସ୍‌ଟି ଆଲୋଚନାଚକ୍ର      ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଲୁଇସିଂହା କଲ୍ୟାଣ୍ ମଣ୍ଡପ୍ ଠାନେ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ଉପ୍‌ରେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ଇ ନୂଆଁ ଜିଏସ୍‌ଟି ନୀତି ଭାରତ୍‌ବର୍ଷର୍ ଅର୍ଥନୀତିଥି ଯୁଗାନ୍ତକାରୀ ପରିବର୍ତନ୍ ଆନ୍‌ବା ବଲି କହିଛନ୍ ।

ଡାକ୍ତର୍ ସମ୍ମିଲନୀ      କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଶହୀଦ୍ ରେଣ୍ଡୋ ମାଝୀ ଭେଷଜ୍ ମହାବିଦ୍ୟାଲୟ ଆଉ ଚିକିତ୍ସାଲୟ ନ ଭାରତୀୟ ଭେଷଜ ବିଜ୍ଞାନ୍ ସଂଘ ତରଫ୍‌ରୁ ରାଜ୍ୟସ୍ତରୀୟ ଡାକ୍ତର୍ ସମ୍ମିଳନୀ ହେଇଯାଇଛେ । ଚିକିତ୍ସାର୍ ଲାଭ୍ ଗରିବ୍‌ନୁ ଅତି ଗରିବ୍ ଲୁକ୍‌କୁ ପୁହୁଁଚାବାର୍‌ଟା ହେଉଛେ ଇ କାର୍ଯ୍ୟକ୍ରମ୍‌ର ମୁଖ୍ୟ ଲକ୍ଷ୍ୟ । ଏପିଆଇ ଓଡ଼ିଶା ଶାଖାର୍ ଅଧ୍ୟକ୍ଷ ପ୍ରଫେସର୍ ଡାକ୍ତର୍ ଆର୍.କେ. ଦଲାଇ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲା ବେଲ୍‌କେ ଇଥି ସମ୍ବଲ୍‌ପୁର୍, ବୁର୍ଲା , ବର୍‌ଗଡ଼୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଡାକ୍ତର୍‌ଖାନାନୁ ୩ ଶହ ନୁ ଅଏତ୍‌କା ଡାକ୍ତର୍ ଯୋଗ୍ ଦେଇଥିଲେ ।

ନୂଆପଡ଼ା-ଷୋଡ଼ଶ ଉପଚାର୍ ପୂଜା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ଗଡ଼ଜାତ ଇଲାକାର୍ ଗଡ଼ରକ୍ଷକ ଦେବୀ ମା ରକ୍ତାମ୍ବରୀ ଆଉ ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ଷୋଡ଼ଶ ଉପଚାର୍ ପୂଜା ମୁଲ୍ ହେଇଛେ । ଦଶ୍‌ରା ମାସର୍ ଉଆଁସ୍ ତିଥି ଦିନ ରକ୍ତାମ୍ବରୀଙ୍କର୍ ସେବାୟତ୍‌ମାନେ ନିଶାରାତି ଦିହେ ଛତର୍ ବିରାଜ୍‌ମାନ୍ କରିକରି ନଗର୍ ପରିକ୍ରମା କରିଥିଲେ । ତାର୍ ଉତ୍‌ରୁ ଦେବୀ ମନ୍ଦିର୍‌କେ ପ୍ରବେଶ୍ କରିଥିଲେ ।

ଏସିଆ କପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଏସିଆ କପ୍ ସୁପର୍ ଫୋର୍ ରାଉଣ୍ଡ୍‌ଥି ଗଲାକାଏଲ୍ ଭାରତ୍ ୬ ୱିକେଟ୍‌ଥି ପାକିସ୍ତାନ୍‌କେ ହରେଇଛେ । ମେଚ୍‌ଥି ପାକିସ୍ତାନ୍ ପହେଲା ବେଟିଂ କରିକରି ୫ ୱିକେଟ୍ ହରେଇକରି ଶହେ ୭୧ ରନ୍ କରିଥିଲ । ଇତାର୍ ଜବାବ୍‌ଥି ଭାରତୀୟ ଦଲ୍ ୧୮ ଓଭର୍ ୫ ବଲ୍ ଥି ଇ ଲକ୍ଷ୍ୟ ପୁରା କରିଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭିନ୍ ଭିନ୍ ଜାଗା ନ ବର୍ଷା ସହେତେ ଧୁକାଗର୍ଡ଼ି ଜାରି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ୧୪ ଟା ଜିଲ୍ଲା ନ ବିଜ୍‌ଲି ମାରିକରି ଜବର୍ ବର୍ଷା ହେଇପାରେ । କେନ୍ଦୁଝର୍ ଆଉ ମୟୁର୍‌ଭଞ୍ଜ୍ ନ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।